ସମାଜ
YEARS OF EXCELLENCE 1919-2017
ଗୁରୁବାର, ଡିସେମ୍ବର ୭, ୨୦୧୭

# ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳନ ଓ ସ୍ୱେଚ୍ଛାସେବୀ ସମ୍ମେଳନ




ଧର୍ମଶାଳା,୬।୧୨(ନି.ପ୍ର): ଯାଜପୁର ଜିଲା ସ୍ୱେଚ୍ଛାସେବୀ ସମ୍ମେଳନ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ସାମାଜିକକର୍ମୀ ସରୋଜକୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗାନ୍ଧିବାଦୀ ନେତ୍ରୀ ଶ୍ରୀମତୀ ବୈଦେହୀ ପଣ୍ଡା ଯୋଗଦେଇ କହିଲେ ଯେ ରାଷ୍ଟ୍ର ନିର୍ମାଣରେ ସ୍ୱେଚ୍ଛାସେବୀମାନଙ୍କ ଅବଦାନ ଅତୁଳନୀୟ। ସେମାନଙ୍କର ତ୍ୟାଗ, ନିଷ୍ଠା, ସାମାଜିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରେ ଓ ଅର୍ଥନୈତିକ ବିକାଶକୁ ତ୍ୱରାନିତ କରେ। ବିପର୍ଯ୍ୟୟ ସମୟରେ ପ୍ରଥମେ ସ୍ୱେଚ୍ଛାସେବୀମାନେ ବିପନ୍ନ ନିକଟରେ ପହଞ୍ଚି ସହାୟତାର ହାତ ବଢାଇଥାନ୍ତି। ସେଇଥି ପାଇଁ ସ୍ୱେଚ୍ଛାସେବୀ ଶାନ୍ତି ଓ ପ୍ରଗତିର ଅଗ୍ରଦୂତ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଅକ୍ସଫାମ ଇଣ୍ଡିଆର ଓଡିଶା ମୁଖ୍ୟ ଅକ୍ଷୟକୁମାର ବିଶ୍ୱାଳ ଯୋଗଦେଇ କାର୍ବନମୁକ୍ତ ସମାଜ, ଦ୍ରୁତ ଜଳବାୟୁ ପରିବର୍ତ୍ତନରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ କାର୍ଯ୍ୟକ୍ରମ ଅଧିକାରୀ ଅନିମେଶ ପ୍ରକାଶ ଫାଉଣ୍ଡେସନ ପକ୍ଷରୁ ସେବକ ଅନୁଷ୍ଠାନର ସୁରେଶଚନ୍ଦ୍ର ବିଶ୍ୱାଳଙ୍କୁ ସୁଧାଂଶୁମୋହନ ସାହୁ ଟ୍ରଷ୍ଟ ପକ୍ଷରୁ ନେସନ ଅନୁଷ୍ଠାନର ପ୍ରଦ୍ୟୁମ୍ନ ପାତ୍ରଙ୍କୁ ସମ୍ଭବ ଅନୁଷ୍ଠାନପକ୍ଷରୁ ଆଶାକର୍ମୀ ଭାରତୀ ଜେନାଙ୍କୁ ଓ ପ୍ରଗତି ଅନୁଷ୍ଠାନପକ୍ଷରୁ ସିହାପୁର ସରପଞ୍ଚ ଶ୍ରୀମତୀ ଆରତୀ ପହି ସ୍ୱେଚ୍ଛାସେବୀଙ୍କୁ ଅତିଥି ନେହେରୁ ଯୁବ ସଙ୍ଗଠନର ଜିଲା ଯୁବ ସଂଯୋଜକ ଅତିଥି ଅଶୋକ ଦାଶ ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ତମ୍ଭକାର ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ ସଂଯୋଜନା କରିଥିଲେ। ଜିଲା ସ୍ୱେଚ୍ଛାସେବୀ ସମ୍ମେଳନର ଆବାହକ ପ୍ରଶାନ୍ତକୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଗତି ଅନୁଷ୍ଠାନର ପକ୍ଷରୁ ସ୍ୱେଚ୍ଛାସେବୀ ଦେବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନରେ ଯାଜପୁର ଜିଲାର ମୌଳିକ ସମସ୍ୟା ଓ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ଭୂମିକା ଶୀର୍ଷକ ଆଲୋଚନା ସଭା ସ୍ୱେଚ୍ଛାସେବୀ ଦେବ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଭାରତ ଜ୍ଞାନ ବିଜ୍ଞାନ ସମିତି ଓଡିଶାର ସାଧାରଣ ସମ୍ପାଦକ ବ୍ଲୋରିନ ମହାନ୍ତି ଯୋଗଦେଇ ଜିଲାର ସ୍ୱେଚ୍ଛାସେବୀମାନଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ବିଜୟ ଦାସ, ସୁଧାଂଶୁ ପାତ୍ରୀ, ସୁବ୍ରତ ପଡିହାରୀ, ରଶ୍ମିରେଖା ପ୍ରଧାନ, ଶତ୍ରୁଘ୍ନ ସାହୁ, ସୁନାକର ସାହୁ, ନିରଞ୍ଜନ ମଲିକ, ସସ୍ମିତା ବେହେରା, ମାନସକୁମାର ରାଉତ, ଅନନ୍ତକିଶୋର ସ୍ୱାଇଁ, ଧର୍ମେନ୍ଦ୍ର ମଲ୍ଲ, ଅମୂଲ୍ୟ ଭୂୟାଁ, ପୀତାମ୍ବର ଓଝା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲିଶ୍ରୀ, ସମ୍ଭବ, ପ୍ରଗତି, ବିକ୍ରମାଦିତ୍ୟ ଫାଉଣ୍ଡେସନ, ଭାରତ ଜ୍ଞାନବିଜ୍ଞାନ ସମିତି, ସୁଧାଂଶୁମୋହନ ସାହୁ ଟ୍ରଷ୍ଟ, ସୁକନ୍ୟା, ପରିଚାଳନାରେ ସହଯୋଗ କରିଥିଲେ। ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

SAMBAD
ସମ୍ବାଦ
କଟକ, ୭ ଡିସେମ୍ବର, ୨୦୧୭

# ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ



ଧର୍ମଶାଳା/ଚଢେଇଧରା, ୬।୧୨(ଇମିସ): ଯାଜପୁର ଜିଲ୍ଲା ସ୍ୱେଚ୍ଛାସେବୀ ସମ୍ମେଳନ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗାନ୍ଧିବାଦୀ ନେତ୍ରୀ ବୈଦେହୀ ପଣ୍ଡା ଯୋଗଦେଇ କହିଲେ ଯେ ରାଷ୍ଟ୍ର ନିର୍ମାଣରେ ସ୍ୱେଚ୍ଛାସେବୀମାନଙ୍କ ଅବଦାନ ଅତୁଳନୀୟ। ଅକ୍ସଫାମ ଇଣ୍ଡିଆର ଓଡିଶା ମୁଖ୍ୟ ଅକ୍ଷୟ କୁମାର ବିଶ୍ୱାଳ ଯୋଗଦେଇ କାର୍ବନ ମୁକ୍ତ ସମାଜ, ଦ୍ରୁତ ଜଳବାୟୁ ପରିବର୍ତ୍ତନରେ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରଦ୍ୟୁମ୍ନ ପାତ୍ର, ଆଶାକର୍ମୀ ଭାରତୀ ଜେନା ଓ ସିହାପୁର ସରପଞ୍ଚ ଆରତୀ ପହିଙ୍କୁ ନେହେରୁ ଯୁବ ସଂଗଠନର ଜିଲ୍ଲା ଯୁବ ସଂଯୋଜକ ଅଶୋକ ଦାଶ ସଂବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ ସଂଯୋଜନା କରିଥିଲେ। ଜିଲ୍ଲା ସ୍ୱେଚ୍ଛାସେବୀ ସମ୍ମେଳନର ଆବାହକ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରି ସ୍ୱେଚ୍ଛାସେବୀ ଦିବସର ତାତ୍ପର୍ଯ୍ୟ ସପପର୍କରେ ସୂଚନା ଦେଇଥିଲେ। ପ୍ରଗତି ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାସେବୀ ଦେବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଭାରତ ଜ୍ଞାନ ବିଜ୍ଞାନ ସମିତି ଓଡିଶାର ସାଧାରଣ ସଂପାଦକ ବ୍ଲୋରିନ୍ ମହାନ୍ତି ଯୋଗଦେଇ ଜିଲ୍ଲାର ସ୍ୱେଚ୍ଛାସେବୀମାନଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ।